# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ

ମୁଖ୍ୟ କାର୍ଯ୍ୟାଳୟ, ନିମଚୌଡ଼ି, କଟକ-୭୫୩୦୦୨



## ସଭାପତିଙ୍କ ଅଭିଭାଷଣ

ଆଜି କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୪୯ତମ ବାର୍ଷିକ ସାଧାରଣସଭା ଶୁଭ ଅବସରରେ ଉପସ୍ଥିତ ବିଭିନ୍ନ ପ୍ରାଥମିକ ସମବାୟ ସମିତିର ସଭାପତି/ମନୋନୀତ ସଭ୍ୟ, କ୍ଷମତାପ୍ରାପ୍ତ/ଭାରପ୍ରାପ୍ତ ଅଧିକାରୀବୃନ୍ଦ, ବ୍ୟାଙ୍କର ଅଂଶୀଦାର, ଜମାକାରୀ, ପୃଷ୍ଠପୋଷକ ତଥା ସମସ୍ତ ବିଭାଗୀୟ ଅଧିକାରୀ ବ୍ୟାଙ୍କର କର୍ମଚାରୀ, ସାମ୍ବାଦିକ ବନ୍ଧୁ ତଥା ଅନ୍ୟାନ୍ୟ ଅତିଥିବୃନ୍ଦଙ୍କୁ ସମ୍ମାନ ସହ ସ୍ୱାଗତ କରିବା ସହିତ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଆପଣମାନଙ୍କର ସହଯୋଗରେ ଆଜିର ସଭାକାର୍ଯ୍ୟ ଆରମ୍ଭ କରିବା ପାଇଁ ଯାଉଅଛି । ସଭାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମୁଁ ସୂଚାଇ ଦେବାକୁ ଚାହେଁ ଯେ ବ୍ୟାଙ୍କର ପୂର୍ବତନ ସଭାପତି ଆଶୁତୋଷ ସ୍ୱାଇଁ, କେଶବ ଚନ୍ଦ୍ର ରାଉତ ଓ ସଭ୍ୟ ଭାଗବତ ପ୍ରସାଦ ମହାନ୍ତି ଇତି ମଧ୍ୟରେ ସ୍ୱର୍ଗାରୋହଣ କରିଛନ୍ତି । ସେମାନଙ୍କର ସମ୍ମାନାର୍ଥେ ଓ ଆତ୍ମାରସଦଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରିବା ପାଇଁ ଅନୁରୋଧ କରୁଅଛି ।

୧୯୫୬ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୬୩ ବର୍ଷଧରି ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ (ବାଙ୍କୀକୁଛାଡ଼ି) ଜିଲ୍ଲାମାନଙ୍କର ୩୬ ଗୋଟି ବ୍ଲକରେ ୩୮ ଟି ଶାଖା ମାଧ୍ୟମରେ ପ୍ରାଥମିକ ସମବାୟ ସମିତି ଜରିଆରେ କୃଷକ, ବୁଣାକାର, କାରିଗର, ଅଣକୃଷି କାର୍ଯ୍ୟ ପାଇଁ ନିରବିଚ୍ଛିନ୍ନ ଭାବରେ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କର ତଥା ଜିଲ୍ଲାମାନଙ୍କର ଉନ୍ନତିରେ ଆପଣଙ୍କ ବ୍ୟାଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି । ଧାନଚାଷ ସହ ଅନ୍ୟାନ୍ୟ ଚାଷଉପଯୋଗୀ ଋଣ ଯଥା ବିରି, ମୁଗ, ବାଦାମ, ସୂର୍ଯ୍ୟମୂଖୀ ଫୁଲ, ପାନ, ଆଳୁ, ଆଖୁ, ପନପରିବାଛତୁଇତ୍ୟାଦି ଚାଷପାଇଁ ଋଣ ମଧ୍ୟ ଯୋଗାଇ ଦିଆଯାଉଅଛି । ରାଜ୍ୟସରକାର ଓ ନାବାର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ ଋଣ ଯୋଜନାରେ ମତ୍ସ୍ୟଚାଷ, ଗାଇ, କୁକୁଡ଼ା, ଅର୍ଥକାରୀ ଫସଲ (ଆଖୁ, ସୂର୍ଯ୍ୟମୁଖୀ, ଆଳୁ, ଛତୁ ଆଦି) ଓ ବିଭିନ୍ନ କୃଷି ଯନ୍ତ୍ରପାତି ଉପକରଣ, ଯଥା ଟ୍ରାକ୍ଟର, ପାୱାରଟିଲର, ପମ୍ପସେଟ ଆଦି ପାଇଁ ଋଣ ଯୋଗାଇ ଦିଆଯାଉଅଛି । ଏତଦ ବ୍ୟତୀତ ରାଜ୍ୟ ସରକାର ଓ ନାବାର୍ଡ କର୍ତ୍ତୃପକ୍ଷ ପ୍ରଣୀତ ନିୟମାବଳୀ ଅନୁଯାୟୀ ସ୍ୱୟଂ ସହାୟକଗୋଷ୍ଠୀ(Self Help Group), ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମିଳିତ ଦେୟ ଗୋଷ୍ଠୀ(Joint Liability Group) ମାନଙ୍କୁ କମ୍ ସୁଧହାର ଓ ସହଜ କିସ୍ତିରେ ସରଳ ଉପାୟରେ ଋଣ ଯୋଗାଇ ଦିଆଯାଉଛି ।

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୫୦,୦୦୦/-(ପଚାଶହଜାର) ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା କିଶାନ କ୍ରେଡ଼ିଟ୍ କାର୍ଡଧାରୀ ଚାଷୀମାନଙ୍କଠାରୁ ୨୦୧୮-୧୯ ବର୍ଷରେ ୧% ସୁଧ ନିଆଯାଉଥିଲା ଓ ୨୦୧୯-୨୦ ବର୍ଷରେ ବିନାସୁଧରେ ଋଣ ଦିଆଯାଉଛି । ଏଥିପାଇଁ ବ୍ୟାଙ୍କ ନାବାର୍ଡ କର୍ତ୍ତୃପକ୍ଷଙ୍କଠାରୁ ରାଜ୍ୟ ସମବାୟ ବ୍ୟାଙ୍କ ଜରିଆରେ ପୁନଃଲଗାଣ ଋଣ (Refinance) ୪.୫୦% ସୁଧହାର ଆଣୁଛି । ଏହିସୁଧଭାର (Interest Load)କୁଚାଷ ଓ ଚାଷୀରସହାୟତା ପାଇଁସରକାରବହନ କରୁଛନ୍ତି । ଧାନ ଚାଷ ସହ ବିଭିନ୍ନ ଚାଷ ପାଇଁ ପ୍ରଦାନ କରାଯାଉଥିବା କୃଷିଋଣକୁ ପ୍ରଧାନମନ୍ତ୍ରୀ ଫସଲ ବୀମାଯୋଜନାରେ ବୀମାଭୁକ୍ତ (Insurance Coverage) କରାଯାଉଛି । ତା ୩୧.୩.୨୦୧୯ ରିଖସୁଦ୍ଧାବ୍ୟାଙ୍କର ଋଣ ପରିମାଣ ୧୮୯୬ କୋଟି ୧୬ ଲକ୍ଷ ୫୦ ହଜାରଟଙ୍କାରହିଛି । ୨୦୧୮-୧୯ ବର୍ଷରେ ସମୁଦାୟ ଋଣ ଲଗାଣ ୨୪୩୧ କୋଟି ୬ ଲକ୍ଷଟଙ୍କା, ଚାଷ ପାଇଁ ସ୍ୱଳ୍ପକାଳୀନ (Short Term)ଋଣ ୨୩୭୭ କୋଟି ୩ ଲକ୍ଷଟଙ୍କା, ୨୦୧୮-୧୯ ବର୍ଷରେ ଋଣ ଆଦାୟ ୨୧୬୧ କୋଟି ୩୯ ଲକ୍ଷଟଙ୍କା । ୨୦୧୮ ଖରିଫ ଋତୁରେ ପ୍ରାଥମିକ ସମବାୟ ସମିତି ମାନଙ୍କରେ ୩ ଲକ୍ଷ ୬୯ ହଜାର ୯୩୯ ଜଣ ସଭ୍ୟଙ୍କୁ କିଷାନ୍ କ୍ରେଡ଼ିଟ କାର୍ଡ ମାଧ୍ୟମରେ ୧୨୫୧ କୋଟି ୬୦ ଲକ୍ଷଟଙ୍କା

ଋଣ ପ୍ରଦାନ କରାଯାଇଛି ଓ ୨୦୧୮-୧୯ ରବିଋତୁରେ ବିଭିନ୍ନ ପ୍ରାଥମିକ ସମବାୟ ସମିତିର ୩ ଲକ୍ଷ ୪୪ ହଜାର ୧୭୫ ଜଣ ଚାଷୀଙ୍କୁ ୧୧୦୭ କୋଟି ୬୬ ଲକ୍ଷଟଙ୍କା ଋଣ ପ୍ରଦାନ କରାଯାଇଛି । ୨୦୧୮ ଖରିଫଋଣ ନେଇଥିବା ଚାଷୀଙ୍କର ଫସଲ ନଷ୍ଟ ବାବଦରେ ୧ ଲକ୍ଷ ୩ ହଜାର ୭୨୧ ଜଣଙ୍କୁ ୧୧୦ କୋଟି ୬୦ ଲକ୍ଷ ୩୫ ହଜାର ୧୯୫ ଟଙ୍କା ବୀମା କମ୍ପାନୀମାନେ ଭରଣା କରିଛନ୍ତି ।

ସମୁଦାୟ ଋଣ ପରିମାଣର ଅର୍ଦ୍ଧାଧିକ ଅଂଶ ଧାନଚାଷ ପାଇଁ ଦିଆଯାଏ । ଉତ୍ପାଦିତ ଧାନକୁ ଚାଷୀ ଉଚିତ୍‌ମୂଲ୍ୟରେ ବିକ୍ରି କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶମତେ ୪୩୬ ଅନୁବନ୍ଧିତ ପ୍ରାଥମିକ କୃଷିସମବାୟ ସମିତି ୨୦୧୮ଖରିଫ (Kharif Marketing Season )ରେ ୩୮ ଲକ୍ଷ ୪୨ ହଜାର ୩୩୧ କ୍ୱିଣ୍ଟାଲ ଧାନ ସଂଗ୍ରହକରିଛନ୍ତି ।

ବ୍ୟାଙ୍କର ଜମାରାଶି ତା-୩୧.୩.୨୦୧୯ ରିଖସୁଧା ୧୪୦୮ କୋଟି ୨୪ ଲକ୍ଷ ୫୩ ହଜାରଟଙ୍କା ଅଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମାନୁଯାୟୀ ଜମାକାରୀମାନଙ୍କର ଟଙ୍କା ୧(ଏକ) ଲକ୍ଷଟଙ୍କା ପର୍ଯ୍ୟନ୍ତ DICGC (Deposit Insurance and Credit Guarantee Corporation of India )ରେ ବୀମାଭୁକ୍ତ କରାଯାଇଅଛି ।

ବ୍ୟାଙ୍କିଙ୍ଗ୍ ବ୍ୟବସାୟ କରିବା ପାଇଁ ଭାରତୀୟ ରିଜର୍ଭବ୍ୟାଙ୍କଠାରୁ ଅନୁମତି(Licence) ପାଇ ୧୯୫୯ ମସିହାରୁ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେଇ ଆସୁଥିବା ଆପଣଙ୍କବ୍ୟାଙ୍କ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ହୋଇCore Banking ସେବାମାଧ୍ୟମରେସଭ୍ୟ ଓ ଗ୍ରାହକମାନଙ୍କୁ ସେବା ଦିଆଯାଉଅଛି । ମୁଖ୍ୟଶାଖା, ଜଗତସିଂହପୁର, କୁଜଙ୍ଗ ଓ କେନ୍ଦ୍ରାପଡ଼ା ଶାଖାମାନଙ୍କରେ ଗ୍ରାହକମାନଙ୍କର ସୁବିଧା ପାଇ ATM ସ୍ଥାପନ କରାଯାଇଛି । ତା-୩୧.୩.୨୦୧୯ ରିଖରେ ଆପଣଙ୍କ ବ୍ୟାଙ୍କର କାର୍ଯ୍ୟକାରୀ ମୂଳଧନ (Working Capital) ୩୭୦୪ କୋଟି ୭୬ ଲକ୍ଷଟଙ୍କା ଓ ନେଟ୍‌ଲାଭ ୧୭ କୋଟି ୧୪ ଲକ୍ଷ ୭୨ ହଜାର ୨୪୪ ଟଙ୍କା ହୋଇଛି । ୨୦୧୬-୨୦୧୭ ଓ ୨୦୧୭-୨୦୧୮ ବର୍ଷର ନେଟ୍‌ଲାଭାରୁ ଅଂଶୀଦାର ପ୍ରାଥମିକ ସମବାୟ ସମିତିମାନଙ୍କୁ ୧% ହାରରେ ଲାଭାଂଶ ଦିଆଯାଇଥିଲା । ୨୦୧୮-୨୦୧୯ ବର୍ଷର ନେଟ୍‌ଲାଭରୁ ପ୍ରାଥମିକ ସମବାୟ ସମିତିମାନଙ୍କୁ ୧.୫% ହାରରେଲାଭାଂଶ ବଣ୍ଟନ ପାଇଁ ପରିଚାଳନ ପରିଷଦ ପ୍ରସ୍ତାବ ଦେଇଛନ୍ତି ।

ରାଜ୍ୟ ସରକାରଙ୍କର ନିଷ୍ପତି ଅନୁଯାୟୀ ବ୍ୟାଙ୍କର ଶାଖା ଖୋଲାଯାଇଥିବା ୪ ଟିଜିଲ୍ଲାରେ ଜିଲ୍ଲାସ୍ତରୀୟ "ସମବାୟ ଆପଣଙ୍କ ଦ୍ୱାରରେ" କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଚାଷୀ ଓ ସମବାୟ ପ୍ରେମୀଙ୍କୁ ନେଇ ସମ୍ମିଳନୀ ମହାସମାରୋହରେ ପାଳନ କରାଯାଇଛି । ଏହି ଯୋଜନା ମାଧ୍ୟମରେ ବ୍ୟାଙ୍କ ତରଫରୁ ୪୪୪୩ ଗୋଟି ମିଳିତ ଦେୟ ଗୋଷ୍ଠୀ() ଙ୍କୁ ୨୧୭୦.୯୮ ଲକ୍ଷଟଙ୍କା ଋଣ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାର ସେଥିପାଇଁ ବ୍ୟାଙ୍କକୁ ପୁରସ୍କାର ଦେଇଛନ୍ତି । ଜନସାଧାରଣଙ୍କ ପାଖରେ ସମୟୋପଯୋଗୀ ସରକାରୀ ସେବା ଓ ସୁବିଧା ପହଞ୍ଚାଇ ସେମାନଙ୍କର ଅସୁବିଧା ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ '୫ଟି' ସୂତ୍ର ପ୍ରଣୟନ କରିଛନ୍ତି, ସେହି ଆଧାରରେ ଚାଷୀ, ଜମାକରୀ ଓ ଋଣ ଗ୍ରହୀତାଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାଙ୍କ ଓ ପରିଚାଳନା ପରିଷଦ ସଂକଳ୍ପବଦ୍ଧ । ବ୍ୟାଙ୍କ ପରିଚାଳନାରେ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱକୁ ଗୁରୁତ୍ୱ ଦିଆଯାଇଛି ।

ଆପଣମାନଙ୍କର ସହଯୋଗ ଓ ପୃଷ୍ଠପୋଷକତାରେ ଗଢ଼ିଉଠିଥିବା ଏହି ବ୍ୟାଙ୍କର ୪୯ ତମ ବାର୍ଷିକ ସାଧାରଣ ସଭାରେ ଆପଣମାନେ ବହୁମୂଲ୍ୟ ସମୟଦେଇ ଯୋଗଦାନ କରିଥିବାରୁ ମୁଁ ପରିଚାଳନା ପରିଷଦ ତରଫରୁ ଆପଣମାନଙ୍କୁ ଧନ୍ୟବାଦ ଦେଇ ଗତ ୧୩.୧୨.୨୦୧୮ ତାରିଖରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ସାଧାରଣ ସଭାର ବିବରଣୀ ଉପସ୍ଥାପନ କରିବା ପାଇଁ ସମ୍ପାଦକଙ୍କୁ ଅନୁରୋଧ କରୁଅଛି ।

**ସ୍ୱା- ବୀରେନ୍ଦ୍ର ପ୍ରତାପ ସ୍ୱାଇଁ**

ସଭାପତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ

# କଟକ କେନ୍ଦ୍ର ସମବାୟବ୍ୟାଙ୍କ ୪୯ତମ ସାଧାରଣସଭା

## ବାର୍ଷିକବିବରଣୀ

ଆଜି ଏହି ସାଧାରଣ ସଭାର ସଭାପତି ତଥା ବ୍ୟାଙ୍କର ସଭାପତି ମହୋଦୟ, ଉପ ସଭାନେତ୍ରୀ ମହୋଦୟା, ପରିଚାଳନା ପରିଷଦର ସମସ୍ତସଭ୍ୟ / ସଭ୍ୟାବୃନ୍ଦ, ଉପସ୍ଥିତ ବିଭାଗୀୟ ପଦାଧିକାରୀବୃନ୍ଦ, ବ୍ୟାଙ୍କର ଅଂଶୀଦାର, ଜମାକାରୀ, ପୃଷ୍ଠପୋଷକ ଓ ବ୍ୟାଙ୍କର କର୍ମଚାରୀବୃନ୍ଦ, ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅତିଥିବୃନ୍ଦ ଏବଂ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ନୂତନ ବର୍ଷ ୨୦୨୦ ପାଇଁ ଅଭିନନ୍ଦନ ଜଣାଇବା ସହିତ, ବ୍ୟାଙ୍କ ତରଫରୁସ୍ୱାଗତ ଓ ଶୁଭେଚ୍ଛା ଜଣାଉଅଛି । ନୂତନ ବର୍ଷ ୨୦୨୦ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତିର ବର୍ଷ ହେଉ । ଏହାହିଁ ଜଗତର ନାଥ ପ୍ରଭୁଜଗନ୍ନାଥଙ୍କ ପାଖରେ କାମନା କରୁଅଛି ।

ବାର୍ଷିକ ବିବରଣୀ ପଠନ କରିବା ପୂର୍ବରୁ, ବ୍ୟାଙ୍କର ପୂର୍ବତନ ସଭାପତି ସ୍ୱର୍ଗତ ଆଶୁତୋଷ ସ୍ୱାଇଁ, ସ୍ୱର୍ଗତ କେଶବ ଚନ୍ଦ୍ର ରାଉତଏବଂ ପରିଚାଳନା ପରିଷଦର ନିର୍ଦ୍ଦେଶକ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳିଜ୍ଞାପନ କରୁଅଛି । ଏହି ଅନୁଷ୍ଠାନକୁ ଗଢ଼ିତୋଳି ଥିବା ସମସ୍ତ ମହାନ ଦିବଂଗତ ମନିଷୀମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରୁଅଛି ।

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଏକ ବୃହତ ଓ ଅଗ୍ରଣୀ କେନ୍ଦ୍ର ସମବାୟ ବ୍ୟାଙ୍କ । କଟକ, ଯାଜପୁର, ଜଗତସିଂହପୁର ଓ କେନ୍ଦ୍ରାପଡାକୁ ନେଇଗଠିତ । ଏହି ଜିଲ୍ଲାମାନଙ୍କର ୩୬ ଗୋଟି ମଣ୍ଡଳ, ୯ ଗୋଟି ପୌରପାଳିକା ଏବଂ ୫ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୩୮ ଗୋଟିଶାଖା ମାଧ୍ୟମରେ ଅନୁବନ୍ଧିତ ହୋଇ ୪୬୬ ଗୋଟି ସେବାସମବାୟ ସମିତି, ୨ ଗୋଟି କୃଷକ ସେବାସମବାୟ ସମିତି, ୬୪୦ ଗୋଟି ଅଣ କୃଷିସମିତି ମାଧ୍ୟମରେ ଅଗଣିତକୃଷକ, ଗ୍ରାମ୍ୟ କାରିଗର, ବୁଣାକାର, କ୍ଷୁଦ୍ର ବ୍ୟବସାୟୀ ତଥା ଆନୁସଙ୍ଗିକ କୃଷିକାର୍ଯ୍ୟ ସହ ଜଡିତ ଥିବା ସମସ୍ତ ବର୍ଗର ଶ୍ରମିକମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣର ପ୍ରୟାସ ଜାରି ରହିଅଛି ।

ବର୍ତ୍ତମାନର ପରିଚାଳନା ପରିଷଦ ଗତ ତା୦୧.୦୫.୨୦୧୫ ରିଖରୁ ଦାୟିତ୍ୱ ନେବାପରେ ବ୍ୟାଙ୍କର ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାଦ୍ୱାରା ବ୍ୟାଙ୍କ ୨୦୧୫ରେ ତୃତୀୟସ୍ଥାନ, ୨୦୧୬ଓ ୨୦୧୭ ବର୍ଷରେ ରାଜ୍ୟସ୍ତରୀୟ ପୁରସ୍କାରରେ ପ୍ରଥମ ସ୍ଥାନ, ୨୦୧୮ ବର୍ଷରେ JLGଗଠନରେପ୍ରଥମସ୍ଥାନ ଅଧିକାର କରି ନାବାର୍ଡ ଦ୍ୱାରା ପୁରସ୍କୃତ ହୋଇଅଛି । ୨୦୧୯ ମସିହାରେ ରାଜ୍ୟସ୍ତରରେ ତୃତୀୟସ୍ଥାନ ଅଧିକାର କରିବାର ଗୌରବ ଲାଭ କରିଅଛି । ଏହାର ଶ୍ରେୟ ସମସ୍ତ ପୃଷ୍ଠପୋଷକ କର୍ମଚାରୀ ପରିଚାଳନା ପରିଷଦ ଓ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଦ୍ୱାରା ସମ୍ଭବ ହୋଇ ପାରିଛି ।

## ବ୍ୟାଙ୍କରଲାଭ-କ୍ଷତି :-

| ବର୍ଷ ୨୦୧୬-୧୭ (ଲକ୍ଷରେ) | ବର୍ଷ ୨୦୧୭-୧୮ (ଲକ୍ଷରେ) | ବର୍ଷ ୨୦୧୮-୧୯ (ଲକ୍ଷରେ) |
|---|---|---|
| ଲାଭ- ୯୨୧.୪୨ | ଲାଭ-୯୮୩.୮୩ | ଲାଭ- ୧୭୧୪.୭୨ |

## କିଷାନ କ୍ରେଡିଟକାର୍ଡ :-

ବ୍ୟାଙ୍କର ଅଧିନସ୍ଥ ୧୦,୦୮,୪୦୭ ପରିବାର ମଧ୍ୟରୁ ୧୦,୩୮,୪୨୫ ଜଣଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରାଯାଇଅଛି । ଏମାନଙ୍କ ମଧ୍ୟରୁ ୬,୫୪,୪୦୮ କିଷାନ କ୍ରେଡିଟକାର୍ଡ ଯୋଗାଇ ଦିଆଯାଇଅଛି ।

## ଅଂଶଧନ (ଲକ୍ଷହିସାବରେ) :-

| ଅଂଶଧନର ପ୍ରକାର | ୩୧.୦୩.୨୦୧୭ | ୩୧.୦୩.୨୦୧୮ | ୩୧.୦୩.୨୦୧୯ |
|---|---|---|---|
| ୧. ସମିତି ର ଅଂଶଧନ | ୧୪୦୦୦.୧୦ | ୧୫୮୬୬.୨୫ | ୧୭୩୨୪.୮୯ |
| ୨. ନୋମିନାଲସଭ୍ୟଙ୍କ ଅଂଶଧନ | ୨୧୧.୨୯ | ୧୬୨.୩୯ | ୨୭୮.୩୯ |
| ୩. ସରକାରଙ୍କ ଅଂଶଧନ | ୭୫୦.୦୦ | ୭୫୦.୦୦ | ୭୫୦.୦୦ |
| ସର୍ବମୋଟ୍ :- | ୧୪୯୬୧.୩୯ | ୧୬୭୭୮.୬୪ | ୧୮୩୫୩.୨୮ |

## ବ୍ୟାଙ୍କରକର୍ମଚାରୀସଂଖ୍ୟା (ତା ୩୧.୦୩.୨୦୧୯ରିଖସୁଧା) :-

ତାଲିକା ସଂଲଗ୍ନ କରାଯାଇଅଛି ।

## ଋଣ ଲଗାଣ ପରିମାଣରସ୍ଥିତି :-

| ଋଣର ପ୍ରକାର | ବର୍ଷଓ୍ୱାରୀସ୍ଥିତି (ଲକ୍ଷହିସାବରେ) | | |
|---|---|---|---|
| | ତା ୩୧.୦୩.୨୦୧୭ରିଖ | ତା ୩୧.୦୩.୨୦୧୮ରିଖ | ତା ୩୧.୦୩.୨୦୧୯ରିଖ |
| କୃଷି ଋଣ | ୧୩୭୭୦୧.୨୫ | ୧୫୩୭୨୪.୦୩ | ୨୩୭୭୪୮.୬୮ |
| ତନ୍ତୁବାୟସମିତି ଋଣ | ୭୯୩.୯୩ | ୭୯୩.୯୩ | ୦.୦୦ |
| ସ୍ୱର୍ଣ୍ଣବନ୍ଧକି ଋଣ | ୮୦.୩୮ | ୭୦.୧୧ | ୨୧.୨୬ |
| ଡିପୋଜିଟ୍‌ବନ୍ଧକି ଋଣ | ୧୨୦୪.୦୪ | ୧୨୫୦.୭୦ | ୧୬୫୯.୬୮ |
| ସ୍ୱୟଂସହାୟକଗୋଷ୍ଠି ଋଣ | ୬୭୧.୫୬ | ୮୦୫.୦୩ | ୫୦୮.୯୦ |
| ଅନ୍ୟାନ କୃଷିଭିତିକ ଓ ଅଣକୃଷି ଋଣ ଇତ୍ୟାଦି | ୪୮୩୨.୩୬ | ୬୧୫୬.୩୨ | ୩୧୬୭.୧୧ |
| ସର୍ବମୋଟ୍ :- | ୧୪୫୨୮୩.୫୨ | ୧୬୨୮୦୦.୧୨ | ୨୪୩୧୦୫.୬୩ |

## ଧାନ କ୍ରୟବ୍ୟବସାୟ :-

ବ୍ୟାଙ୍କ ଅଧୀନସ୍ଥ ପ୍ରାଥମିକସେବା ସମବାୟ ସମିତିମାନେ ନନ୍‌ଫଣ୍ଡଭିତ୍ତିକ ଅର୍ଥ ରୋଜଗାର ପାଇଁ ରାଜ୍ୟସରକାରଙ୍କ ସିଭିଲ ସପ୍ଲାଇ କର୍ପୋରେସନର ଏଜେଣ୍ଟ ଭାବେ ନିଯୁକ୍ତି ପାଇ ଧାନ କ୍ରୟକରିବାର ସୁଯୋଗ ପାଇଛନ୍ତି । ବିଗତ ତିନିବର୍ଷ ଧାନ କ୍ରୟ ବ୍ୟବସାୟର ବିବରଣୀ ନିମ୍ନରେ ପ୍ରଦାନ କରୁଅଛୁ ।

| କ୍ର.ନଂ | ବର୍ଷ | ମୋଟସମିତିସଂଖ୍ୟା | ଧାନ ବ୍ୟବସାୟସମିତିସଂଖ୍ୟା | ଧାନ କ୍ରୟର ପରିମାଣ (କ୍ୱିଣ୍ଟାଲରେ) | ମଣ୍ଡିକମିଶନ ପ୍ରାପ୍ତ |
|---|---|---|---|---|---|
| ୧ | ୨୦୧୬-୧୭ | ୪୬୮ | ୪୪୧ | ୩୦୨୯୦୨୬.୬୯ | ୯୪୬.୫୭ |
| ୨ | ୨୦୧୭-୧୮ | ୪୬୮ | ୪୨୬ | ୨୭୯୮୨୦୪.୬୧ | ୮୭୪.୧୯ |
| ୩. | ୨୦୧୮-୧୯ | ୪୬୮ | ୪୪୩ | ୩୯୪୨୩୩୧.୦୬ | ୦.୦୦ |

## ଗଛିତ ପୁଞ୍ଜି (ଲକ୍ଷହିସାବରେ) :-

| ଅର୍ଥ ଲଗାଣକାରୀସଂସ୍ଥାର ନାମ | ପୁଞ୍ଜି ନିବେଶର ପ୍ରକାର | ବର୍ଷଓ୍ୱାରୀସ୍ଥିତି (ଲକ୍ଷହିସାବରେ) | | |
|---|---|---|---|---|
| | | ତା୩୧.୦୩.୨୦୧୭ ରିଖ | ତା୩୧.୦୩.୨୦୧୮ ରିଖ | ତା୩୧.୦୩.୨୦୧୯ ରିଖ |
| ଏସ୍‌ବିଆଇ | ଗଭର୍ଣ୍ଣମେଣ୍ଟସିକ୍ୟୁରିଟି | ୨୭,୩୨୪.୨୨ | ୩୩,୧୮୭.୮୦ | ୩୩,୬୪୧.୯୭ |
| ଓଏସ୍‌ସିବି | ଅଂଶଧନ | ୫,୩୩୪.୪୭ | ୫,୯୯୧.୭୧ | ୬,୫୨୫.୮୧ |
| ଓଏସ୍‌ସିବି | ସ୍ଥାୟୀଜମା | ୬୮,୫୧୪.୬୩ | ୭୧,୧୨୯.୨୧ | ୭୧,୨୯୦.୭୭ |
| ନାବାର୍ଡ ଓ ଅନ୍ୟ ବ୍ୟାଙ୍କ | ସ୍ଥାୟୀଜମା | ୩,୨୦୨.୪୩ | ୩,୧୫୬.୫୨ | ୨,୯୮୯.୪୩ |
| ଅନ୍ୟାନ୍ୟ | | ୦.୩୮ | ୦.୩୮ | ୦.୩୮ |
| ସର୍ବମୋଟ୍ :- | | ୧,୦୪,୩୭୬.୧୩ | ୧,୧୩,୪୬୫.୬୨ | ୧,୧୪,୪୪୮.୩୬ |

## କାର୍ଯ୍ୟକାରୀମୂଳଧନ(ଲକ୍ଷହିସାବରେ) :-

| ତା ୩୧.୦୩.୨୦୧୭ ରିଖ | ତା ୩୧.୦୩.୨୦୧୮ ରିଖ | ତା ୩୧.୦୩.୨୦୧୯ ରିଖ |
|---|---|---|
| ୨,୯୫,୬୦୧.୮୮ | ୩,୨୯,୪୮୩.୮୪ | ୩,୭୦,୪୭୫.୫୩ |

## ନେଟ୍‌ଓ୍ୱର୍ଥ (ଲକ୍ଷହିସାବରେ) :-

| ତା୩୧.୦୩.୨୦୧୭ରିଖ | ତା୩୧.୦୩.୨୦୧୮ରିଖ | ତା୩୧.୦୩.୨୦୧୯ରିଖ |
|---|---|---|
| ୨୦୫୯୨.୭୦ | ୨୪୯୧୪.୩୬ | ୨୫୦୨୨.୭୦ |

## CRAR :-

୨୦୧୮-୧୯ ବର୍ଷରେ କ୍ରାର୍(**CRAR**) ଶତକଡା ୧୨.୨୯ (୧୨.୨୯%)ଯାହାକି ରିଜର୍ଭବ୍ୟାଙ୍କର ସ୍ଥିରିକୃତ ନିୟମ ଶତକଡା ୭ (୭%) ଉର୍ଦ୍ଧ୍ୱରେ ଅଛି । ସମିକ୍ଷା ରିପୋର୍ଟରେ **"A"** ଗ୍ରେଡ୍ ଲଗାତର୍ ପାଇ

ଆସୁଅଛି । ଚଳିତ ବର୍ଷ ବ୍ୟାଙ୍କ ସମବାୟ ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ୩ୟ ପୁରସ୍କାର ପାଇବାର ଗୌରବ ହାସଲ କରିଅଛି ।

ଉନ୍ନତିମୂଳକକାର୍ଯ୍ୟକ୍ରମ : -

୧. ସମବାୟ ଆନ୍ଦୋଳନକୁ ସମସ୍ତ କୃଷି ପରିବାରଙ୍କ ନିକଟରେ **"ସମବାୟ ଆପଣଙ୍କ ଦ୍ୱାରରେ"** କାର୍ଯ୍ୟକ୍ରମ ମାଧ୍ୟମରେ ତା ୦୧.୦୬.୨୦୧୮ ରିଖରୁ ତା୩୧.୦୭.୨୦୧୮ ରିଖ ମଧ୍ୟରେ ପହଞ୍ଚାଯାଇଅଛି।

୨. କୃଷି ଓ କୃଷକଙ୍କ ଶସକ୍ତକରଣ ନିମନ୍ତେ ସରକାରଙ୍କ **"କାଳିଆଯୋଜନା"** ତା ୦୨.୦୧.୨୦୧୯ ରିଖ ଠାରୁତା ୩୧.୦୧.୨୦୧୯ ରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ସଫଳରୂପାୟନ କରିବା ଦିଗରେ ବ୍ୟାଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ।

୩. ଗ୍ରାହକମାନଙ୍କ ସୁବିଧା ପାଇଁ **RTGS, NEFT, IMPS,ATM AND MICRO ATM** ମାଧ୍ୟମରେ ସେବା ପ୍ରଦାନର ବ୍ୟବସ୍ଥା କରାଯାଇଅଛି । ତନ୍ମଧ୍ୟରୁ **RTGS, NEFT,ATM AND MICRO ATM** ରେ ବିନାଶୁଳ୍କରେ ସେବା ପ୍ରଦାନ କରାଯାଉଅଛି ।

୪. ସେବାସମବାୟ ସମିତିରେ ଋଣ ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ବ୍ୟାଙ୍କ K.C.C. ଆକାଉଣ୍ଟକୁ ଆଧାର ଓ ମୋବାଇଲ ସଂଯୋଗ କରିବାର, ସଞ୍ଚୟଖାତା ମାଧ୍ୟମରେ ଋଣ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି ।

୫. ବର୍ତ୍ତମାନର ସରକାର ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡରେ ଉନ୍ନତି ପାଇଁ ଟ.୫୦,୦୦୦ଙ୍କା ପର୍ଯ୍ୟନ୍ତ ଋଣ ବିନାସୁଧରେ ଖରିଫ ୨୦୧୯ ଠାରୁ ପ୍ରଚଳନ କରିଅଛନ୍ତି । ଏହି ସୁଯୋଗକୁ ସଦ୍‌ବ୍ୟବହାର କରି ଠିକ ସମୟରେ ଋଣ ପରିଶୋଧ କରି ନୂତନ ଋଣ ଗ୍ରହଣ କରିବା ନିମନ୍ତେ ନିବେଦନ କରୁଅଛୁ ।

୬. ଆପଣମାନେ ଜାଣିଖୁସି ହେବେ ଯେ ଉକ୍ତ ବ୍ୟାଙ୍କ ୨୦୧୫-୧୬ ବର୍ଷରେ ଟ.୦.୮୫ପ., ୨୦୧୬-୧୭ ଏବଂ ୨୦୧୭-୧୮ ବର୍ଷରେ ଟ.୧.୦୦ପ. ଏହାର ଅଂଶୀଦାର ସମିତିମାନଙ୍କୁ ସେମାନଙ୍କର ଗଛିତ ଅଂଶଧନ ଉପରେ ଲାଭାଂଶ ବଣ୍ଟନ କରିଅଛି । ୨୦୧୮-୧୯ ବର୍ଷରେଏହି ଲାଭାଂଶକୁ ଟ.୧.୫୦ପ. ହିସାବରେ ପ୍ରଦାନ କରିବା ପାଇଁ ପରିଚାଳନା ପରିଷଦରେ ସ୍ଥିର କରାଯାଇଅଛି ।

**ପରିଶେଷରେ, ଆପଣମାନଙ୍କର ସହ୍‌ଯୋଗ, ଉପସ୍ଥିତି ଓ ଉନ୍ନତ ମତାମତ ଦ୍ୱାରା ବ୍ୟାଙ୍କର କାର୍ଯ୍ୟକାରିତା ଉନ୍ନତର ଉନ୍ନତତର ହୋଇ ପାରିବ ଏହାହିଁ କାମନା କରି ମୁଁ ମୋର ବକ୍ତବ୍ୟସାଙ୍ଗ କରୁଅଛି ।**

-: ଜୟତୁସମବାୟ :-

(ସଦାଶିବଷଡ଼ଙ୍ଗୀ)

ସମ୍ପାଦକ